ହରିୟାଣା ରାଜ୍ୟ

ବନାମ

ଦିଲବାଗ ସିଂହ

ଅକ୍ଟୋବର 18, 2006

[ଏ. କେ. ମାଥୁର ଏବଂ ଲୋକେଶ୍ୱର ସିଂ ପନ୍ତ, ନ୍ୟାୟମୂର୍ତ୍ତିଦ୍ୱୟ]

*ଶିଳ୍ପ ବିବାଦ ଅଧିନିୟମ 1947: ଧାରା 25-G ଏବଂ 25-H-ଶ୍ରମିକମାନେ -ସେବା ଅବସମାପ୍ତି, କିନ୍ତୁ ତାଙ୍କ କନିଷ୍ଠମାନଙ୍କୁ ସେବାରେ ବଜାୟ ରଖାଗଲା ନ୍ୟାୟାଧିକରଣ ନିର୍ଣ୍ଣୟ ନେଇଥିଲେ ଯେ ଧାରା 25- G ଏବଂ ଧାରା 25- H, ର ଉଲ୍ଲଂଘନ କରାଯାଇଛି; ଶ୍ରମିକଙ୍କୁ ଚାକିରିର ନିରନ୍ତରତା ଏବଂ ଦାବି ନୋଟିସ୍ ତାରିଖ ଠାରୁ 50 ପ୍ରତିଶତ ବକେୟା ମଜୁରୀ ପ୍ରଦାନ ସହିତ ପୁନଃସ୍ଥାପିତ କରାଯିବ-ନିର୍ଣ୍ଣିତ ଯେ ନ୍ୟାୟାଧିକରଣଙ୍କର ସିଦ୍ଧାନ୍ତକୁ ପରିଚାଳନା ସଂସ୍ଥା ଦ୍ୱାରା ବିରୋଧ କରାଯାଇ ନାହିଁ ଏବଂ ନ୍ୟାୟାଧିକରଣଙ୍କ ଠାରୁ ଭିନ୍ନ ମତ ନେବାର କୌଣସି କାରଣ ନାହିଁ, ଯାହା ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରା ନିଶ୍ଚିତ କରାଯାଇଛି-ଶ୍ରମିକଙ୍କୁ ପୁନଃସ୍ଥାପିତ କରାଯିବ, କିନ୍ତୁ ସ୍ୱତନ୍ତ୍ର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ସେ କୌଣସି ବକେୟା ମଜୁରୀ ପାଇବାକୁ ହକଦାର ହେବେ ନାହିଁ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3443/2006 ।

C.W.P. ସଂଖ୍ୟା 6550/2005ରେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 28.4.2005 ତାରିଖର ରାୟ ଏବଂ ଅନ୍ତିମ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ମନଜିତ ସିଂହ, A.A.G., ହରିକେଶ ସିଂହ ଏବଂ ଟି. ଭି. ଜର୍ଜ ।

ଉତ୍ତରଦାତାଙ୍କ ପାଇଁ ଅନିଲ ହୁଡା, ଡକ୍ଟର ସୁଶୀଲ ବଲୱାଡା, ରାମ କିଶୋର ସିଂ ଯାଦବ, କୌଶଲ ଏଫ୍ ଯାଦବ, ହରିନ୍ଦର ମୋହନ ସିଂ ।

ନ୍ୟାୟାଳୟଙ୍କର ଆଦେଶ ପ୍ରଦାନ କରାଯାଇଥିଲା

ହରିୟାଣା ରାଜ୍ୟ ବନାମ ଦିଲବାଗ ସିଂହ

ଆଦେଶ

ଏହି ଆବେଦନ ଉଚ୍ଚ ନ୍ୟାୟାଳୟଙ୍କର ଦୁଇ ଜଣିଆ ଖଣ୍ଡପୀଠଙ୍କ ଦ୍ୱାରା 28.04.2005 ତାରିଖ ପାରିତ ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶିତ ହୋଇଛି ଯେଉଁଥିରେ ଖଣ୍ଡପୀଠ ଶ୍ରମ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଅଧିନିର୍ଣ୍ଣୟକୁ ନିଶ୍ଚିତ କରିଥିଲେ ।

ଉତ୍ତରଦାତା PWD (B &R)ରେ ଖଦାନ ଭାବରେ କାର୍ଯ୍ୟ କରୁଥିଲେ ଏବଂ ତାଙ୍କ ସେବାକୁ 25.12.1999 ରେ ସମାପ୍ତ କରାଯାଇଥିଲା । ଶିଳ୍ପ ବିବାଦ ଅଧିନିୟମ, 1947 (ଏହା ପରେ "ଅଧିନିୟମ" ଭାବରେ ସୂଚିତ କରାଯିବ) ଅଧୀନରେ ଏକ ବିବାଦ ଉଠିଥିଲା ଏବଂ ମମାଲାକୁ ଶ୍ରମ ନ୍ୟାୟାଳକୁ ପ୍ରେରିତ କରାଯାଇଥିଲା, ଏବଂ ଶ୍ରମ ନ୍ୟାୟାଳୟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ଅଧିନିୟମର ଧାରା 25-Gଏବଂ 25-Hର ଭଙ୍ଗ ହୋଇଛି ବୋଲି ଜାଣିବାକୁ ପାଇଲେ । ଏହା କୁହାଯାଇଥିଲା ଯେ ଉତ୍ତରଦାତାଙ୍କ ଠାରୁ କନିଷ୍ଠ ବ୍ୟକ୍ତି ଏପର୍ଯ୍ୟନ୍ତ କାର୍ଯ୍ୟ କରୁଥିବାବେଳେ ଉତ୍ତରଦାତାଙ୍କ ସେବା ସମାପ୍ତ ହୋଇଛି । ତେଣୁ, ଶ୍ରମ  ନ୍ୟାୟାଳୟ ଉତ୍ତରଦାତାଙ୍କ ଦାବିକୁ ମଞ୍ଜୁର ପ୍ରଦାନ କରିଥିଲେ ଏବଂ ବିଜ୍ଞପ୍ତି ତାରିଖ ଠାରୁ ଅର୍ଥାତ୍ 1.2.2000 ରୁ 50 ପ୍ରତିଶତ ବକେୟା ମଜୁରୀ ସହିତ ନିରନ୍ତର ସେବା ପୁନଃସ୍ଥାପନକୁ ମଞ୍ଜୁର କରିଥିଲେ । ସେହି ଆଦେଶ ବିରୁଦ୍ଧରେ ବ୍ୟଥିତ ହୋଇ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ କରାଯାଇଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଶ୍ରମ  ନ୍ୟାୟାଳୟଙ୍କର ଆଦେଶକୁ ନିଶ୍ଚିତ କରିଥିଲେ । ତେଣୁ, ବର୍ତ୍ତମାନର ଆବେଦନ ।

ଆମେ ପକ୍ଷମାନଙ୍କ ପାଇଁ ବିଦ୍ୱାନ ଓକିଲଙ୍କୁ ଶୁଣିଛୁ । ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଏହା ଯଥାର୍ଥତାର ସହ ପ୍ରତିପାଦନ କରିବାରେ ବିଫଳ ହୋଇଛନ୍ତି ଯେ ଉତ୍ତରଦାତା ଠାରୁ କୌଣସି କନିଷ୍ଠ ବ୍ୟକ୍ତିଙ୍କୁ ବିଭାଗରେ ରଖାଯାଇ ଅଛି । ନ୍ୟାୟାଧିକରଣଙ୍କର ଏହା ଏକ ସ୍ପଷ୍ଟ ସିଦ୍ଧାନ୍ତ ଯେ କୃଷ୍ଣ ପିତା- ଧରମ ସିଂହଙ୍କ ଭଳି ଜଣେ ବ୍ୟକ୍ତି, ଯିଏକି ଉତ୍ତରଦାତା ଠାରୁ କନିଷ୍ଠ, ତଥାପି ପରିଚାଳନା ସହିତ କାର୍ଯ୍ୟ କରୁଛନ୍ତି, ଯେତେବେଳେ କି ଉତ୍ତରଦାତାଙ୍କ ସେବାକୁ ସମାପ୍ତ କରିଦିଆଯାଇଛି । ଏହା ମଧ୍ୟ ଅଭିଯୋଗ ହୋଇଛି ଯେ ମହାବୀର ନାମକ ଅନ୍ୟ ଜଣେ ବ୍ୟକ୍ତି ଯିଏ ମଧ୍ୟ ଉତ୍ତରଦାତା ଠାରୁ କନିଷ୍ଠ, ତଥାପି ସେ ପରିଚାଳନା ସହିତ କାର୍ଯ୍ୟ କରୁଛନ୍ତି । ତେଣୁ ନ୍ୟାୟାଧିକରଣ ଅଧିନିୟମର ଧାରା 25-Gଏବଂ 25-Hର ଉଲ୍ଲଙ୍ଘନ ହୋଇଥିବା ଜାଣିବାକୁ ପାଇଛନ୍ତି ।  ତଥ୍ୟର ଏହି ଫଳାଫଳକୁ ପରିଚାଳନା ଦ୍ୱାରା ବିରୋଧ କରାଯାଇ ନାହିଁ  ଏବଂ ନ୍ୟାୟାଧିକରଣ ଦ୍ୱାରା ନିଆଯାଇଥିବା ଦୃଷ୍ଟିକୋଣରୁ ଭିନ୍ନ ଦୃଷ୍ଟିକୋଣ ନେବାର କୌଣସି କାରଣ

ନାହିଁ ଯାହାକୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିଶ୍ଚିତ କରାଯାଇଥିଲା । ତେଣୁ, ଆମେ ଏହି ଆବେଦନରେ କୌଣସି ଯୋଗ୍ୟତା ପାଇନାହୁଁ ଏବଂ ସେହି ଅନୁଯାୟୀ ଏହାକୁ ଖାରଜ କରାଯାଏ । ଉତ୍ତରଦାତାଙ୍କୁ ପୁନଃସ୍ଥାପିତ କରାଯିବ କିନ୍ତୁ ଏହି ମାମଲାର ସ୍ୱତନ୍ତ୍ର ତଥ୍ୟ ଏବଂ ପରିସ୍ଥିତିକୁ ଅନୁଧ୍ୟାନ କରି ସେ କୌଣସି ବକେୟା ମଜୁରୀ ପାଇବାକୁ ହକଦାର ହେବେ ନାହିଁ । ଆବେଦନକାରୀ ଏହା ଆଦେଶ ପ୍ରାପ୍ତ ହେବାର ଏକ ମାସ ମଧ୍ୟରେ ଉତ୍ତରଦାତାଙ୍କ ନିଯୁକ୍ତିର ଆଦେଶ ଜାରି କରିବେ । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ପ୍ରଦାନ କରାଯାଇନାହିଁ ।

R.P. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।